# NATIONAL NEWS BULLETIN (ODIA)

## 25 June - 2024

## Evening Bulletin : 7.15 p.m.

***********************************

## ମୁଖ୍ୟ ସମ୍ବାଦ

- ଲୋକସଭା ବାଚସ୍ପତି ନିର୍ବାଚନ ସର୍ବସମ୍ମତ ଓ ନିର୍ଦ୍ୱନ୍ଦ୍ୱ ହେବା ନେଇ ମତବ୍ୟକ୍ତ କଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ।

– ବାଚସ୍ପତି ପଦ ପାଇଁ ଏନ୍.ଡି.ଏ.ରୁ ଓମ୍ ବିର୍ଲା ଏବଂ ଇଣ୍ଡି ମେଣ୍ଟରୁ କେ. ସୁରେଶଙ୍କ ନାମାଙ୍କନ ଦାଖଲ; ଆସନ୍ତାକାଲି ହେବ ନିର୍ବାଚନ ।

- ନିଟ୍ ୟୁ.ଜି. ପରୀକ୍ଷାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ଆଇ.ଏମ୍.ର ପୂର୍ବତନ ସଭାପତିଙ୍କ ପ୍ରଶଂସା ।

– ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ବିଭିନ୍ନ ରାଜ୍ୟର ୫ଟି ମାମଲା ସି.ବି.ଆଇ.କୁ ହସ୍ତାନ୍ତର ।

- ଉତ୍ତର ପ୍ରଦେଶ କ୍ୟାବିନେଟ୍‌ରେ ଲୋକସେବା ପରୀକ୍ଷା ଅଧ୍ୟାଦେଶ ୨୦୨୪ ପାରିତ ।

ଏବଂ

- ଆସନ୍ତା ୩ରୁ ୪ ଦିନ ମଧ୍ୟରେ ସମଗ୍ର ଦେଶରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବା ନେଇ ଆଇ.ଏମ୍.ଡି.ର ସୂଚନା ।

## ଲୋକସଭା-ସ୍ପିକର

ଲୋକସଭା ବାଚସ୍ପତି ନିର୍ବାଚନ ସର୍ବସମ୍ମତ ତଥା ନିର୍ଦ୍ୱନ୍ଦ୍ୱରେ ହେବା ଉଚିତ୍ ବୋଲି କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ମତବ୍ୟକ୍ତ କରିଛନ୍ତି । ସଂସଦ ଭବନ ପରିସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ଶ୍ରୀ ରିଜିଜୁ କହିଛନ୍ତି, ସ୍ୱାଧୀନତା ପରଠାରୁ ଲୋକସଭାର ଏହି ମର୍ଯ୍ୟାଦା ଜନକ ଆସନ ପାଇଁ ନିର୍ବାଚନ ହୋଇନାହିଁ । ଭାରତୀୟ ଗଣତନ୍ତ୍ରର ଏହି ମହାନ ପରମ୍ପରାକୁ ବଜାୟ ରଖିବା ଲକ୍ଷ୍ୟରେ ସରକାର ସର୍ବସମ୍ମତ କ୍ରମେ ଚଳିତ ଲୋକସଭାର ବାଚସ୍ପତି ନିର୍ବାଚନ ପାଇଁ ଗୃହରେ ବିରୋଧୀ ଦଳ ନେତାଙ୍କ ସହ ଆଲୋଚନା କରିଥିଲେ । ତେବେ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳ ଏଥିପାଇଁ ସର୍ତ୍ତ ରଖିବା ସହ ଉପବାଚସ୍ପତି ପଦ ଦାବି କରିଥିଲା । ସର୍ବସମ୍ମତ ବାଚସ୍ପତି ନିର୍ବାଚନ ପାଇଁ କୌଣସି ପ୍ରକାର ସର୍ତ୍ତ ରହିବା ଉଚିତ୍ ନୁହେଁ ଏବଂ ଉପବାଚସ୍ପତି ମନୋନୟନ ପାଇଁ ପୃଥକ ଆଲୋଚନା ସକାଶେ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ କହିଛନ୍ତି । ବାଚସ୍ପତି ପଦ କୌଣସି ଦଳର ନୁହେଁ । ତେଣୁ ବିରୋଧୀ ଦଳ ଏହି

ପ୍ରସଙ୍ଗରେ ତାର ନିଷ୍ପତ୍ତିର ପୁନର୍ବିଚାର କରୁ ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ ନିବେଦନ କରିଛନ୍ତି ।

ସୂଚନା ଯୋଗ୍ୟ ବିଜେପିର ବରିଷ୍ଠ ସଦସ୍ୟ ଓମ୍ ବିର୍ଲା ଲୋକସଭା ବାଚସ୍ପତିପଦ ପାଇଁ ଏନ୍‌ଡିଏ ପ୍ରାର୍ଥୀ ଭାବେ ଆଜି ନାମାଙ୍କନପତ୍ର ଦାଖଲ କରିଥିବାବେଳେ ବିରୋଧୀ 'ଇଣ୍ଡି' ମେଣ୍ଟ ପକ୍ଷରୁ କଂଗ୍ରେସର କେ. ସୁରେଶଙ୍କୁ ପ୍ରାର୍ଥୀ କରାଯାଇଛି । ବାଚସ୍ପତି ପଦ ପାଇଁ ଆସନ୍ତାକାଲି ନିର୍ବାଚନ ହେବ ।

କେନ୍ଦ୍ରମନ୍ତ୍ରୀ ପୀୟୁଷ ଗୋଏଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ବିଜେପିର ବରିଷ୍ଠ ନେତା ରାଜନାଥ ସିଂହ, ଅମିତ ଶାହା ଏବଂ ଜେ.ପି. ନଡ୍ଡା ବାଚସ୍ପତି ପଦ ନେଇ କଂଗ୍ରେସର କେ.ସି.ବେଣୁଗୋପାଳ ଏବଂ ଡିଏମ୍‌କେ ସଦସ୍ୟ ଟି.ଆର୍.ବାଲୁଙ୍କ ସହ ଆଲୋଚନା କରିଥିଲେ । ତେବେ ଶ୍ରୀ ବିର୍ଲାଙ୍କ ପ୍ରାର୍ଥୀତ୍ୱକୁ ସମର୍ଥନ କରିବା ପ୍ରତିବଦଳରେ ବିରୋଧୀ ପକ୍ଷ ଉପ ବାଚସ୍ପତିଙ୍କ ନାମ ଘୋଷଣା କରିବାକୁ ଜିଦ୍ ଧରିଥିଲେ । ତେବେ ଉପ ବାଚସ୍ପତି ପ୍ରସଙ୍ଗରେ ନିର୍ବାଚନ ସମୟରେ ଆଲୋଚନା କରାଯିବ ବୋଲି ସେମାନଙ୍କୁ କୁହାଯାଇଥିବା ସେ ସୂଚନା ଦେଇଛନ୍ତି । ବିରୋଧୀ ପକ୍ଷଙ୍କ ଏଭଳି ସର୍ତ୍ତକୁ ସରକାର ପ୍ରତ୍ୟାଖାନ କରିଛନ୍ତି ।

ପୂର୍ବରୁ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ବାଚସ୍ପତି ପଦ ପାଇଁ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ ପ୍ରତିବଦଳରେ ବିରୋଧୀ ପକ୍ଷକୁ ଉପ ବାଚସ୍ପତି ପଦ ଛାଡିବା ଲାଗି ପ୍ରସ୍ତାବ ଦେଇଥିଲେ । ଗଣମାଧ୍ୟମ ପ୍ରତିନିଧିଙ୍କ ସହ

ଆଲୋଚନା ସମୟରେ ଶ୍ରୀ ଗାନ୍ଧୀ କହିଥିଲେ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ' କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ଫୋନ୍ କରି ବାଚସ୍ପତି ପଦ ପାଇଁ ସମର୍ଥନ ମାଗିଥିଲେ ।

ଆମ ସମ୍ବାଦଦାତା କହିଛନ୍ତି ସ୍ୱାଧୀନତା ପରଠାରୁ ଲୋକସଭା ବାଚସ୍ପତି ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇ ଆସିଥିବାବେଳେ ଚଳିତ ଅଷ୍ଟାଦଶ ଲୋକସଭାରେ ପ୍ରଥମଥର ଲାଗି ଏହି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବାର ସମ୍ଭାବନା ସୃଷ୍ଟି ହୋଇଛି ।

## ନିଟ୍-ରିଭ୍ୟୁ ମିଟିଂ

ନିଟ୍ ୟୁ.ଜି. ପରୀକ୍ଷାକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ନେଇଥିବା ଆଗୁଆ ପଦକ୍ଷେପକୁ ଭାରତୀୟ ଡାକ୍ତରୀ ସଂଘର ପୂର୍ବତନ ସଭାପତି ଡକ୍ଟର ଶରତ କୁମାର ଅଗ୍ରୱାଲ୍ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ନିଟ୍ ୟୁ.ଜି. ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ଦାବିକୁ ଗ୍ରହଣ କରି କେନ୍ଦ୍ର ସରକାର ଏହାର ସି.ବି.ଆଇ. ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇ ଉପଯୁକ୍ତ ବାର୍ତ୍ତା ଦେଇଛନ୍ତି । ସେହିପରି ନୂଆଦିଲ୍ଲୀ ସଫ୍ଦର୍ଜଙ୍ଗ ହସ୍ପିଟାଲ୍ର ଶିଶୁ ବିଭାଗ ମୁଖ୍ୟ ପ୍ରଫେସର ହରିଶ ଚେଲାନି ମଧ୍ୟ କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ସାଧୁବାଦ

ଜଣାଇଛନ୍ତି । ବିଭିନ୍ନ ପ୍ରତିଯୋଗୀତାମୂଳକ ପରୀକ୍ଷାକୁ ସ୍ୱଚ୍ଛତାର ସହ ସମ୍ପାଦନ ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏକ୍ସପର୍ଟ୍ କମିଟି ଗଠନ କରିବା ଏକ ମହତ୍ତ୍ୱ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି ।

ଅନ୍ୟ ପକ୍ଷରେ, ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ଜରିଆରେ ହେଉଥିବା ପରୀକ୍ଷାରେ ସ୍ୱଚ୍ଛତା ତଥା ନିରପେକ୍ଷତା ଅବଲମ୍ବନ କରିବା ଲକ୍ଷ୍ୟରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟିର ଗତକାଲି ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି । ଡକ୍ଟର କେ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୂଲ୍ୟାୟନ, ତଥ୍ୟ ସୁରକ୍ଷା ଏବଂ ପରିଚାଳନାଗତ ଦକ୍ଷତା ବୃଦ୍ଧି ନେଇ ଆଲୋଚନା ହୋଇଥିଲା । ଡକ୍ଟର ରାଧାକ୍ରିଷ୍ଣନ କହିଛନ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ଠାରୁ ତଥ୍ୟ ସଂଗ୍ରହ କରିବା ତଥା ସେମାନଙ୍କର ଚାପକୁ ହ୍ରାସ କରିବା ଲାଗି ଏକ ଦୃଢ଼ ତଥା ବିକଶିତ ବ୍ୟବସ୍ଥା କରାଯିବ । ପରୀକ୍ଷା ପଦ୍ଧତିରେ ଆବଶ୍ୟକ ସଂସ୍କାର ପାଇଁ କମିଟି ସୁପାରିଶ କରିବ ବୋଲି ସେ କହିଛନ୍ତି । ଏଥିପାଇଁ ଶିକ୍ଷା ମନ୍ତ୍ରଣାଳୟ କମିଟିକୁ ଦୁଇମାସ ସମୟ ପ୍ରଦାନ କରିଛି । ସୂଚନାଯୋଗ୍ୟ ଇସ୍ରୋର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କେ. ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଶିକ୍ଷା ମନ୍ତ୍ରଣାଳୟ ଏହି ୭ଜଣିଆ କମିଟି ଗଠନ କରିଛି ।

## ସିବିଆଇ-ନିଟ୍

ନିଟ୍ ୟୁଜି ୨୦୨୪ ପରୀକ୍ଷାରେ ଅନିୟମିତତା ଅଭିଯୋଗ ନେଇ ତଦନ୍ତ କରୁଥିବା ସିବିଆଇ ବିଭିନ୍ନ ରାଜ୍ୟରେ ରୁଜୁ ହୋଇଥିବା ୫ଟି ମାମଲାକୁ ହାତକୁ ନେଇଛି । ସେଥିମଧ୍ୟରେ ବିହାର ଓ ଗୁଜୁରାଟରୁ ଗୋଟିଏ ଲେଖାଏଁ ଏବଂ ରାଜସ୍ଥାନରୁ ୩ଟି ମାମଲା ଅନ୍ତର୍ଭୁକ୍ତ । ମହାରାଷ୍ଟ୍ରର ଲାଟୁରରେ ଥିବା ଅନ୍ୟଏକ ମାମଲାକୁ ମଧ୍ୟ ସିବିଆଇ ହାତକୁ ନେବ ବୋଲି ଜଣାପଡିଛି । ବିହାର ପୁଲିସ ଦ୍ୱାରା ଦାୟର ହୋଇଥିବା ମାମଲାଟି ପ୍ରଶ୍ନପତ୍ର ପ୍ରଘଟ ଆଧାରିତ ହୋଇଥିବାବେଳେ ଅନ୍ୟ ୪ଟି ମାମଲା ପରୀକ୍ଷାର୍ଥୀ, ସ୍ଥାନୀୟ ଅଧିକାରୀ ଏବଂ ପରୀକ୍ଷା ନିରୀକ୍ଷକଙ୍କ ଦୁର୍ନୀତି ଅଭିଯୋଗ ସମ୍ପର୍କିତ ବୋଲି ସିବିଆଇ ସୂଚନା ଦେଇଛି ।

ଅନ୍ୟପକ୍ଷରେ ଏହି ପରୀକ୍ଷାରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଜଡିତ ତଥା ସହାୟତା ପ୍ରଦାନ କରିବା ନେଇ ଏକ ର୍ୟାକେଟ୍‌ରେ ସଂଶ୍ଲିଷ୍ଟ ଥିବା ଅଭିଯୋଗରେ ମହାରାଷ୍ଟ୍ରର ଏଟିଏସ୍ ଗିରଫ କରିଥିବା ଜଣେ ଶିକ୍ଷକ ଜଲିଲ ଖାନ୍ ପଠାନଙ୍କୁ ଗତକାଲି କୋର୍ଟ ଚାଲାଣ କରାଯାଇଥିଲା । ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ କୋର୍ଟ ତାଙ୍କୁ ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି । ତେବେ ଅନ୍ୟ ୨ଜଣ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଛି । ନାନ୍ଦେଡ ପୁଲିସ କହିଛି ଅନ୍ୟ ଜଣେ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଦିଲ୍ଲୀ ଯିବାର ବ୍ୟବସ୍ଥା ହୋଇଛି ।

## ଉତ୍ତରପ୍ରଦେଶ-କ୍ୟାବିନେଟ୍

ଉତ୍ତରପ୍ରଦେଶ କ୍ୟାବିନେଟ୍‌ରେ ଆଜି ଲୋକସେବା ପରୀକ୍ଷା ଅଧ୍ୟାଦେଶ-୨୦୨୪ ପାରିତ ହୋଇଛି । ଏହି ଅଧ୍ୟାଦେଶରେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ନିୟମ ଉଲ୍ଲଙ୍ଘନକାରୀଙ୍କ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା କରାଯାଇଛି । ଅଧ୍ୟାଦେଶରେ ଦୋଷୀମାନଙ୍କୁ ଦୁଇ ବର୍ଷରୁ ଆରମ୍ଭ କରି ଆଜୀବନ କାରାଦଣ୍ଡାଦେଶ ସହ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ପ୍ରାବଧାନ ରଖାଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅନ୍ୟ ୪୨ଟି ପ୍ରସ୍ତାବ ମଧ୍ୟ ପାରିତ ହୋଇଛି ।

## ଏଲ୍‌ଏସ୍-ଓଥ୍

ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ କାଳରେ ଆଜି ଦ୍ୱିତୀୟ ଦିନରେ କାମଚଳା ବାଚସ୍ପତି ଭର୍ତ୍ତୃହରି ମହତାବ ବିଭିନ୍ନ ରାଜ୍ୟର ସାଂସଦମାନଙ୍କୁ ଶପଥପାଠ କରାଇଛନ୍ତି । ଗତକାଲି ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀଙ୍କ ସମେତ କିଛି ସାଂସଦ ଶପଥ ଗ୍ରହଣ କରିଥିବା ବେଳେ ଆଜି ଓଡ଼ିଶା ସମେତ ମହାରାଷ୍ଟ୍ର, ପଞ୍ଜାବ, ରାଜସ୍ଥାନ, ତାମିଲନାଡୁ,

ତେଲଙ୍ଗାନାର ସାଂସଦମାନେ ଶପଥ ନେଇଛନ୍ତି । ସେମାନଙ୍କ ମଧ୍ୟରୁ ସଂଖ୍ୟାଧିକ ସାଂସଦ ନିଜ ନିଜ ମାତୃଭାଷାରେ ଶପଥ ଗ୍ରହଣ କରିଥିବା ଜଣାପଡ଼ିଛି ।

## ଏଫ୍‌ଏମ୍-ପ୍ରି ବଜେଟ୍ ମିଟ୍

କେନ୍ଦ୍ର ବଜେଟ୍ ଆଗତ କରିବା ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ନୂଆଦିଲ୍ଲୀ ଠାରେ ଦେଶର ବିଭିନ୍ନ ବାଣିଜ୍ୟ ଓ ସେବା ପ୍ରତିନିଧିମାନଙ୍କ ସହ ଆଲୋଚନା କରି ମତାମତ ଲୋଡ଼ିଛନ୍ତି । ଅର୍ଥମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ସପ୍ତମ ପ୍ରାକ୍ ବଜେଟ୍ ପରାମର୍ଶ ବୈଠକରେ କେନ୍ଦ୍ର ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନ, ଅର୍ଥସଚିବ ଟି.ଭି. ସୋମନାଥନ, ବ୍ୟୟ ବିଭାଗ, ଅର୍ଥନୈତିକ ବ୍ୟାପାର ଏବଂ ବାଣିଜ୍ୟ ଶିଳ୍ପ ମନ୍ତ୍ରଣାଳୟର ସଚିବମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସୂଚନାଯୋଗ୍ୟ ଗତ ସପ୍ତାହରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅର୍ଥମନ୍ତ୍ରୀଙ୍କ ସହ ଶ୍ରୀମତୀ ସୀତାରମଣ ଏକ ବୈଠକରେ ଆଲୋଚନା କରିଥିଲେ । ସେ କୃଷକ ସଂଗଠନର ପ୍ରତିନିଧି ଏବଂ କୃଷି ଅର୍ଥନୀତିଜ୍ଞଙ୍କ ସହ ମଧ୍ୟ ବଜେଟ୍ ପ୍ରସ୍ତୁତି ନେଇ ଆଲୋଚନା କରିଛନ୍ତି ।

## କେଜରିୱାଲ୍

ମନିଲଣ୍ଡ୍ରିଂ ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍‌ଙ୍କୁ ବିଚାର ବିଭାଗୀୟ ଅଦାଲତ ଦେଇଥିବା ଜାମିନ ଆଦେଶ ଉପରେ ଆଜି ଦିଲ୍ଲୀ ହାଇକୋର୍ଟ୍ ରହିତାଦେଶ ଜାରି କରିଛନ୍ତି । ଫଳରେ କେଜରିୱାଲଙ୍କ ଜେଲ୍‌ରୁ ମୁକୁଳିବା ଆଶା ମଉଳି ଯାଇଛି । ଅବକାଶକାଳୀନ ବିଚାରପତି ଜଷ୍ଟିସ୍ ସୁଧୀର କୁମାର ଜୈନଙ୍କ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ – ଇ.ଡି. ପକ୍ଷରୁ କେଜରିୱାଲଙ୍କୁ ମିଳିଥିବା ନିମ୍ନ ଅଦାଲତଙ୍କ ଜାମିନ ଆଦେଶ ଉପରେ ରହିତାଦେଶ ଜାରି ପାଇଁ ପ୍ରାର୍ଥନା କରାଯାଇଥିଲା ।

## ଆଇଏମ୍‌ଡି

ପଶ୍ଚିମବଙ୍ଗ ଏବଂ ସିକ୍କିମ୍‌ରେ ଆଜି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ – ଆଇ.ଏମ୍.ଡି. ଆକଳନ କରିଛି । ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ଉତ୍ତର-ପୂର୍ବ ଭାରତର ପଶ୍ଚିମ ଉପକୂଳ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଆଇ.ଏମ୍.ଡି. କହିଛି । ଆସନ୍ତା ୩ରୁ ୪ ଦିନ ମଧ୍ୟରେ ଭାରତର ଉତ୍ତର-ପଶ୍ଚିମ, କେନ୍ଦ୍ର, ପୂର୍ବ ଏବଂ ପୂର୍ବ-ପଶ୍ଚିମ ଭାଗରେ କେତେକ ଅଞ୍ଚଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରବେଶ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି ବୋଲି

ଆଇ.ଏମ୍.ଡି. କହିଛି । ଆସନ୍ତା ୫ରୁ ୬ ଦିନ ପର୍ଯ୍ୟନ୍ତ ଜାତୀୟ ରାଜଧାନୀ ଦିଲ୍ଲୀରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି । ତେବେ ପଞ୍ଜାବ, ହରିଆନା, ପଶ୍ଚିମ ଉତ୍ତରପ୍ରଦେଶ, ବିହାର ଏବଂ ପଶ୍ଚିମ ରାଜସ୍ଥାନରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଆଇ.ଏମ୍.ଡି. ସୂଚନା ଦେଇଛି ।